ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/WCD(Od)/1194/07-11-2023**

# ଦ୍ୱିତୀୟ ଦିନରେ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'

ଭୁବନେଶ୍ୱର,୦୭/୧୧/୨୦୨୩:

ଗତକାଲିଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଉତ୍ସବ, 'ମହକ'ର ଆଜି ଦ୍ୱିତୀୟ ଦିବସ । ପ୍ରାୟ ଏକ ଦଶନ୍ଧିରୁ ମହିଳା ଓ ଶିଶୁ ବିକାଶ ବିଭାଗ ପିଲାମାନଙ୍କର କାର୍ଯ୍ୟକ୍ରମ 'ମହକ' ପାଳିତ ହେଇଆସୁଛି । ଏହି ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବ କେବଳ ଏକ ପର୍ବ ନୁହେଁ ଏହା ଆମ ରାଜ୍ୟର ପିଲାମାନଙ୍କ ହୃଦୟରେ ବାସ କରୁଥିବା ସମ୍ଭାବ୍ୟ, ଏକତା ଏବଂ ସ୍ୱପ୍ନର ଏକ ପ୍ରମାଣ । ଓଡିଶାର ଭବିଷ୍ୟତର ସୁଯୋଗ୍ୟ ପିଢିକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ।

ଆଜି ଦ୍ୱିତୀୟ ଦିନରେ ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମରେ 'ମହକ' ଉତ୍ସବର ପୁରସ୍କାର ବିତରଣ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶୁଭ ଶର୍ମା ଉପସ୍ଥିତ ରହି ପିଲାମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଆଜି ମହକର ଦ୍ୱିତୀୟ ଦିନର ମୁଖ୍ୟ ଆକର୍ଷଣ ହେଲେ ଓଲିଉଡର ସୁପ୍ରତିଷ୍ଠିତ ଗାୟକ ଶ୍ରୀମତୀ ଦୀପ୍ତି ରେଖା ପାଢ଼ୀ ଏବଂ ଅଭିନେତା ଶ୍ରୀ ସ୍ୱରାଜ ବାରିକ । ସମଗ୍ର ରାଜ୍ୟର ୨୨୮ ଶିଶୁ ଯତ୍ନ ଅନୁଷ୍ଠାନରୁ ଆସିଥିବା ୫୧୧ ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀଯ ସ୍ଥାନ ଅଧିକାର କରିଥିବା ୩୪ ଜଣ ଜିଲ୍ଲାସ୍ତରୀୟ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ସଙ୍ଗୀତ, ଗ୍ରୁପ ଡାନ୍ସ, ବିତର୍କ, ଚିତ୍ର ଓ କୁଇଜ ଆଦି ବିଭିନ୍ନ ବିଭାଗରେ ଏହି ୩୪ ଜଣ ବିଜେତାଙ୍କ ମଧ୍ୟରୁ ୧୬ ଜଣ ସିନିୟର ଓ ୧୮ ଜଣ ଜୁନିଅର ବର୍ଗର ବିଜେତା ଅଛନ୍ତି ।

ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ରେଗା ଗୀତାରାଣୀ ପଟ୍ଟନାୟକ ସମ୍ମାନିତ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ ଏବଂ ଶିଶୁ ସୁରକ୍ଷା ସମିତିର ପ୍ରବନ୍ଧକ ଶ୍ରୀ ପ୍ରୀତିକାନ୍ତ ପଣ୍ଡା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।

ତନୁଜା ମହାନ୍ତି
ଲୋକସଂପର୍କ ଅଧିକାରୀ